# NATIONAL NEWS BULLETIN (ODIA)

**9 August - 2024**

**Mid-Day : 1.50 p.m.**

---

# ମୁଖ୍ୟ ସମ୍ବାଦ

- ଭାରତ ବିଶ୍ୱରେ ସକ୍ରିୟ ଗଣତନ୍ତ୍ରର ଏକ ଉଦାହରଣ ପାଲଟିଛି ଏବଂ ଖୁବ୍ ଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି– କହିଲେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ।

- ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାତ୍ମା ଗାନ୍ଧୀଙ୍କ ସମେତ ସମସ୍ତ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

- ଦେଶରେ ଆଜିଠାରୁ ଆରମ୍ଭ ହୋଇଛି ହର୍ ଘର୍ ତିରଙ୍ଗା ଅଭିଯାନ ।

- ପ୍ୟାରିସ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇଲା ଲୋକସଭା ।

ଏବଂ

- ରୁଷ୍ ସେନାରେ ୯୧ ଜଣ ଭାରତୀୟ ନାଗରିକ ନିଯୁକ୍ତି ପାଇଥିବା ଲୋକସଭାରେ ସୂଚନା ଦେଲେ ବୈଦେଶିକ ବ୍ୟାପାର ମନ୍ତ୍ରୀ ।

# ପ୍ରେଜ୍-ଡାଏସପୁରା

ଅକ୍‌ଲାଣ୍ଡଠାରେ ଆଜି ପ୍ରବାସୀ ଭାରତୀୟଙ୍କୁ ଉଦ୍‌ବୋଧନ ଦେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ କହିଛନ୍ତି, ଭାରତ ବିଶ୍ୱରେ ସକ୍ରିୟ ଗଣତନ୍ତ୍ରର ଏକ ଉଦାହରଣ ପାଲଟିଛି ଏବଂ ଖୁବ୍ ଶୀଘ୍ର ତୃତୀୟ ବୃହତ୍ତମ ଅର୍ଥନୀତି ହେବାକୁ ଯାଉଛି। ସେ ଏକ ସାମୁହିକ ସମ୍ବର୍ଦ୍ଧନା ଉତ୍ସବରେ ପ୍ରବାସୀ ଭାରତୀୟ ଏବଂ ଫ୍ରେଣ୍ଡ ଅଫ୍ ଇଣ୍ଡିଆକୁ ସମ୍ବୋଧିତ କରି କହିଛନ୍ତି, ବିଶେଷ କରି ଶିକ୍ଷା କ୍ଷେତ୍ରରେ ଭାରତର ଅଭିବୃଦ୍ଧିରେ ଯୋଗଦାନ କରିବା ପାଇଁ ନ୍ୟୁଜିଲାଣ୍ଡର ଦକ୍ଷତା ଓ ଅଭିଜ୍ଞତା ରହିଛି। ନ୍ୟୁଜିଲାଣ୍ଡରେ ଦୀପାବଳି, ଓନମ, ହୋଲି ଓ ପୋଙ୍ଗଲ ଭଳି ଭାରତୀୟ ପର୍ବ ଆନନ୍ଦର ସହ ପାଳନ କରାଯାଉଥିବାରୁ ରାଷ୍ଟ୍ରପତି ମୁର୍ମୁ ଖୁସି ବ୍ୟକ୍ତ କରିଛନ୍ତି। ଭାରତୀୟ ପର୍ବପର୍ବାଣୀ, ପରମ୍ପରା ଏବଂ ରୀତିନୀତିକୁ ବଜାୟ ରଖୁଥିବାରୁ ସେ ପ୍ରବାସୀ ଭାରତୀୟଙ୍କୁ ପ୍ରଶଂସା କରିଥିଲେ ।

ଏହି ସମ୍ବର୍ଦ୍ଧନା ଉତ୍ସବରେ ଭାରତ ସରକାରଙ୍କ ରାଷ୍ଟ୍ରମନ୍ତ୍ରୀ ଜର୍ଜ କୁରିଆନ୍, ଲୋକସଭା ସାଂସଦ ଯୁଗଳ କିଶୋର ଶର୍ମା, ସୌମିତ୍ର ଖାନ୍, ଉଚ୍ଚାୟୁକ୍ତ ନୀତା ଭୂଷଣଙ୍କ ସମେତ ବହୁ ସଂଖ୍ୟାରେ ଭାରତୀୟ ପ୍ରବାସୀ ଯୋଗ ଦେଇଥିଲେ।

# ପିଏମ୍-କ୍ୱିଟ୍ ଇଣ୍ଡିଆ

ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱାଧୀନ ଆନ୍ଦୋଳନରେ

ଭାଗ ନେଇଥିବା ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଏକ ସାମାଜିକ ଗଣମାଧ୍ୟମ ପୋଷ୍ଟରେ ପ୍ରଧାନମନ୍ତ୍ରୀ ଭାରତ ଛାଡ଼ ଆନ୍ଦୋଳନକୁ ସ୍ୱାଧୀନତା ସଂଗ୍ରାମର ଏକ ଗୁରୁତ୍ୱପୂର୍ଣ୍ଣ ମୁହୂର୍ତ୍ତ ବୋଲି ବର୍ଣ୍ଣନା କରିଛନ୍ତି। ଏହି ଅବସରରେ ଏକ ଭିଡିଓ ବାର୍ତ୍ତାରେ ନିଜର ମତ ବ୍ୟକ୍ତ କରି ଶ୍ରୀ ମୋଦୀ କହିଥିଛନ୍ତି, ଔପନିବେଶିକ ଶାସନରୁ ମୁକ୍ତି ପାଇଁ ଭାରତର ସଂଗ୍ରାମରେ ଭାରତ ଛାଡ଼ ଆନ୍ଦୋଳନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭାରତ ଛାଡ଼ ଆନ୍ଦୋଳନ ଯୋଗୁଁ ଦେଶର ବର୍ତ୍ତମାନର ସାମୂହିକ ସ୍ୱର ଦୁର୍ନୀତି, ବଂଶବାଦ ରାଜନୀତି ଓ ତୁଷ୍ଟୀକରଣରୁ ମୁକ୍ତ ରାଷ୍ଟ୍ରକୁ ସମର୍ଥନ କରୁଛି ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି।

ସ୍ୱାଧୀନତା ଦିବସ ପୂର୍ବରୁ ପ୍ରଧାନମନ୍ତ୍ରୀ ନିଜ ସାମାଜିକ ଗଣମାଧ୍ୟମ ହ୍ୟାଣ୍ଡେଲ 'ଏକ୍ସ'ରେ ନିଜର ପ୍ରୋଫାଇଲ ଫଟୋକୁ ତ୍ରିରଙ୍ଗାରେ ପରିବର୍ତ୍ତନ କରିଛନ୍ତି । ହର୍ ଘର୍ ତିରଙ୍ଗା ଅଭିଯାନକୁ ପୁଣି ଥରେ ସ୍ମରଣୀୟ ଜନ ଆନ୍ଦୋଳନରେ ପରିଣତ କରିବା ପାଇଁ ଶ୍ରୀ ମୋଦୀ ଲୋକଙ୍କୁ ଉତ୍ସାହିତ କରିଛନ୍ତି । ହର ଘର ତିରଙ୍ଗା ୱେବସାଇଟରେ ସେଲଫି ସେୟାର କରି ସ୍ୱାଧୀନତା ପାଳନ କରିବାକୁ ସେ ଅନୁରୋଧ କରିଛନ୍ତି ।

## ବିଜେପି-ହର ଘର୍ ତ୍ରିରଙ୍ଗା

ଦେଶବ୍ୟାପୀ ହର ଘର ତିରଙ୍ଗା ଅଭିଯାନର ଏକ ଅଂଶ ଭାବରେ ଭାରତୀୟ ଜନତା ପାର୍ଟି ଅଗଷ୍ଟ ୧୧ରୁ ୧୩ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ବିଧାନସଭା ନିର୍ବାଚନ ମଣ୍ଡଳୀରେ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ଆୟୋଜନ କରିବ। ଅଗଷ୍ଟ ୧୨ରୁ ୧୪ ତାରିଖ ପର୍ଯ୍ୟନ୍ତ ଦେଶବ୍ୟାପୀ ସ୍ୱାଧୀନତା ସଂଗ୍ରାମୀ ଓ ଯୁଦ୍ଧ ସ୍ମାରକୀରେ ପୁଷ୍ପମାଲ୍ୟ ଅର୍ପଣ କରାଯିବ ବୋଲି ବିଜେପି

ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଗ୍ ସୂଚନା ଦେଇଛନ୍ତି। ଅଗଷ୍ଟ ୧୪ ତାରିଖରେ ନୀରବ ଶୋଭାଯାତ୍ରା ସମେତ ସମସ୍ତ ଜିଲ୍ଲାରେ ବିଭାଜନ ସ୍ମୃତି ଦିବସ ପାଳନ କରାଯିବ ବୋଲି ସେ କହିଛନ୍ତି। ଆସନ୍ତା ଅଗଷ୍ଟ ୧୩ରୁ ୧୫ ତାରିଖ ପର୍ଯ୍ୟନ୍ତ ସମସ୍ତ ଘର ଓ ବ୍ୟବସାୟିକ ପ୍ରତିଷ୍ଠାନରେ ତ୍ରିରଙ୍ଗା ପ୍ରଦର୍ଶିତ ହେବ ବୋଲି ଶ୍ରୀ ଚୁଗ୍ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦଳର ସମସ୍ତ କର୍ମକର୍ତ୍ତା, ନେତା ଓ ଜନପ୍ରତିନିଧି ଯୋଗଦେବେ ବୋଲି ସେ କହିଛନ୍ତି।

ଦେଶରେ ଅଗଷ୍ଟ ୯ରୁ ୧୫ ତାରିଖ ପର୍ଯ୍ୟନ୍ତ ହର ଘର ତିରଙ୍ଗା ଅଭିଯାନ ଚାଲିବ। ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ନୂଆଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଲୋକଙ୍କୁ ନିଜ ଘରେ ତ୍ରିରଙ୍ଗା ଉତ୍ତୋଳନ କରିବା ସହ ହର ଘର ତିରଙ୍ଗା ୱେବସାଇଟରେ ତ୍ରିରଙ୍ଗା ସହ ସେଲ୍ଫି ଅପଲୋଡ୍ କରିବାକୁ ଅନୁରୋଧ କରିଛନ୍ତି। ଆଜାଦି କା ଅମୃତ ମହୋତ୍ସବ ଅଧୀନରେ ୨୦୨୨ ମସିହାରେ ହର ଘର ତିରଙ୍ଗା ଅଭିଯାନ ଆରମ୍ଭ ହୋଇଥିଲା ଏବଂ ଗତବର୍ଷ ୧୦ କୋଟିରୁ ଅଧିକ ଲୋକ ତ୍ରିରଙ୍ଗା ସହ ସେଲ୍ଫି ଉଠାଇ ଏହାକୁ ଅପଲୋଡ୍ କରିଥିଲେ। ଏହି ଅବସରରେ ସାରା ଦେଶରେ ୨୦୦ରୁ ଅଧିକ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ଏବଂ ଚଳିତ ମାସ ୧୩ ତାରିଖରେ ସାଂସଦ ଓ ମନ୍ତ୍ରୀମାନେ ତିରଙ୍ଗା ବାଇକ୍ ରାଲି କରିବେ ସେ କହିଛନ୍ତି ।

## ସିସୋଦିଆ ବେଲ୍ ଏସ୍‌ସି

ଅବକାରୀ ନୀତି ଅନିୟମିତତା ମାମଲାରେ ଆମ୍ ଆଦମୀ ପାର୍ଟି ନେତା ମନୀଷ ସିସୋଦିଆଙ୍କୁ ସୁପ୍ରିମକୋର୍ଟ ଜାମିନ ପ୍ରଦାନ କରିଛନ୍ତି।

ସୁପ୍ରିମ୍‌କୋର୍ଟ କହିଛନ୍ତି, ଶ୍ରୀ ସିସୋଦିଆ ୧୭ ମାସ ହେବ ଜେଲରେ ଅଛନ୍ତି ଏବଂ ଏପର୍ଯ୍ୟନ୍ତ ତାଙ୍କ ବିରୋଧରେ ଯାଞ୍ଚ କାର୍ଯ୍ୟ ଶେଷ ହୋଇନାହିଁ। ଏହା ତାଙ୍କ ଶୀଘ୍ର ଶୁଣାଣି କରିବାର ଅଧିକାରରୁ ବଞ୍ଚିତ ହୋଇଛି। ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଏବଂ କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ଦ୍ୱାରା ଦାୟର ଉଭୟ ମାମଲାରେ ସର୍ବୋଚ୍ଚ ନ୍ୟାୟାଳୟ ଶ୍ରୀ ସିସୋଦିଆଙ୍କୁ ଜାମିନ ପ୍ରଦାନ କରିଛନ୍ତି।

## ଲୋକସଭା- ଅଲିମ୍ପିକ

ଜାଭେଲିନ୍ ଥ୍ରୋରେ ରୌପ୍ୟ ପଦକ ଜିତିଥିବା ନୀରଜ ଚୋପ୍ରା ଏବଂ ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ହକି ଦଳକୁ ଲୋକସଭା ଅଭିନନ୍ଦନ ଜଣାଇଛି। ଏହି ଐତିହାସିକ ବିଜୟ ନିଶ୍ଚିତ ଭାବେ ଯୁବପିଢ଼ିଙ୍କୁ ପ୍ରେରଣା ଯୋଗାଇବ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି।

ଭାରତ ଛାଡ଼ ଆନ୍ଦୋଳନର ବାର୍ଷିକୀ ଅବସରରେ ଗୃହରେ ମହାତ୍ମା ଗାନ୍ଧୀ ଏବଂ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ଆଜି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ଲୋକସଭା ବାଚସ୍ପତି’ ପୂର୍ବତନ ଲୋକସଭା ସଦସ୍ୟ ଇକବାଲ ଅହମ୍ମଦ ସାର୍ଦ୍ଦଗି, କମଲ ଚୌଧୁରୀ ଏବଂ ରମେଶ ରାଠୋରଙ୍କ ବିୟୋଗରେ ଶୋକ ପ୍ରକାଶ କରିଛନ୍ତି।

## ହକି ଅଲିମ୍ପିକ୍ ଅଭିନନ୍ଦନ

ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ ଭାରତୀୟ ହକି ଦଳ ୫୨ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କ୍ରମାଗତ ଦ୍ୱିତୀୟ ଥର ପାଇଁ କାଂସ୍ୟ ପଦକ

ଜିତିଛି । ଅଧିନାୟକ ହରମନପ୍ରୀତ ସିଂହଙ୍କ ଦୁଇଟି ଗୋଲ୍ ଓ ଅବସରପ୍ରାପ୍ତ ଗୋଲରକ୍ଷକ ପିଆର ଶ୍ରୀଜେଶଙ୍କ ଚମତ୍କାର ସେଭ୍ ବଳରେ ଭାରତ ସ୍ପେନ୍‌କୁ ୨-୧ ଗୋଲ୍‌ରେ ପରାସ୍ତ କରି ମ୍ୟାଚ୍ ଏବଂ ପଦକ ଜିତିପାରିଛି । ୧୯୭୨ମସିହାରେ ମ୍ୟୁନିକ୍‌ରେ କ୍ରମାଗତ ଦୁଇଟି କାଂସ୍ୟ ପଦକ ଜିତିବା ପରେ ଭାରତ' ପ୍ୟାରିସ୍ ଅଲିମ୍ପିକ୍ସରେ କ୍ରମାଗତ ଦ୍ୱିତୀୟ ଥର ପାଇଁ କାଂସ୍ୟ ପଦକ ଜିତିଛି । ଏହା ପୂର୍ବରୁ ୨୦୨୦ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ଭାରତ କାଂସ୍ୟ ପଦକ ଜିତିଥିଲା ।

ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବାରୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ହକି ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ଭାରତୀୟ ହକିର ପୁନରୁଦ୍ଧାର ପାଇଁ ଦଳ ସବୁଠାରୁ ଅଧିକ ପ୍ରଶଂସାର ଯୋଗ୍ୟ ବୋଲି ସେ କହିଛନ୍ତି । ଭାରତୀୟ ହକି ଦଳର ନିରନ୍ତରତା, ଦକ୍ଷତା, ଏକତା ଏବଂ ପ୍ରତିଯୋଗିତାମୂଳକ ମନୋଭାବ ଭାରତର ଯୁବବର୍ଗଙ୍କୁ ପ୍ରେରଣା ଯୋଗାଇବ ବୋଲି ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ କହିଛନ୍ତି ।

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ମଧ୍ୟ ଐତିହାସିକ ବିଜୟ ପାଇଁ ଭାରତୀୟ ହକି ଦଳକୁ ଅଭିନନ୍ଦନ ଜଣାଇଛନ୍ତି । ସେ କହିଛନ୍ତି, ଭାରତୀୟ ହକି ଖେଳାଳିମାନେ ବିଶ୍ୱ ମଞ୍ଚରେ ଭାରତକୁ ଗୌରବାନ୍ୱିତ କରିଛନ୍ତି । ଉପରାଷ୍ଟ୍ରପତି ଧନଖଡ଼ ଦଳକୁ ଭବିଷ୍ୟତରେ ସେମାନଙ୍କର ସମସ୍ତ ପ୍ରୟାସରେ ସଫଳତା କାମନା କରିଛନ୍ତି ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତକାଲି ପ୍ୟାରିସରେ ପଦକ ବିଜେତା ଭାରତୀୟ ପୁରୁଷ ହକି ଦଳର ସଦସ୍ୟମାନଙ୍କ ସହ ଟେଲିଫୋନ୍

ଯୋଗେ କଥା ବାର୍ତ୍ତା କରିଥିଲେ ଏବଂ ସ୍ପେନ୍ ବିପକ୍ଷରେ ଚମତ୍କାର ପ୍ରଦର୍ଶନ ପାଇଁ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ସେମିଫାଇନାଲରେ ଜର୍ମାନୀଠାରୁ ରୋମାଞ୍ଚକର ମ୍ୟାଚ୍ ହାରିବା ପରେ ସେ ଭାରତୀୟ ହକି ଦଳର ଲଢୁଆ ମନୋଭାବକୁ ପ୍ରଶଂସା କରିଥିଲେ।

ପ୍ରଧାନମନ୍ତ୍ରୀ ମୋଦୀ ଭାରତୀୟ ଦଳର ଅଧିନାୟକ ହରମନପ୍ରୀତ ସିଂହଙ୍କୁ ଦଳର 'ସରପଞ୍ଚ' ବୋଲି କହିବା ସହ ଖେଳାଳିମାନଙ୍କ ସହ ଫୋନ୍‌ରେ କଥାବାର୍ତ୍ତା କରିଥିଲେ। ଶ୍ରୀ ମୋଦୀ ହରମନପ୍ରୀତଙ୍କୁ ପ୍ରଶଂସା କରିବା ସହ କହିଛନ୍ତି, ତାଙ୍କ ନେତୃତ୍ୱ ଏବଂ ସମସ୍ତ ସାଥୀଙ୍କ ପ୍ରୟାସରେ ଭାରତ ପୁଣି ଥରେ ବିଜୟୀ ହୋଇଛି। ଭାରତୀୟ ହକି କ୍ରୀଡ଼ାର ସୁବର୍ଣ୍ଣ ଯୁଗକୁ ପୁନର୍ଜୀବିତ କରିବ ବୋଲି ପ୍ରଧାନମନ୍ତ୍ରୀ ବିଶ୍ୱାସ ବ୍ୟକ୍ତ କରିଥିଲେ।

## ଲୋକସଭା- ଜୟଶଙ୍କର

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍ ଜୟଶଙ୍କର କହିଛନ୍ତି, ରୁଷ୍ ସେନାରେ ଏ ପର୍ଯ୍ୟନ୍ତ ୯୧ ଜଣ ଭାରତୀୟ ନାଗରିକ ନିଯୁକ୍ତି ପାଇଥିବା ମାମଲା ରହିଛି। ଲୋକସଭାରେ ପ୍ରଶ୍ନକାଳରେ ପ୍ରଶ୍ନର ଉତ୍ତର ଦେଇ ଡକ୍ଟର ଜୟଶଙ୍କର କହିଛନ୍ତି, ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ଦୁର୍ଭାଗ୍ୟବଶତଃ ମୃତ୍ୟୁ ଘଟିଛି ଏବଂ ୧୪ ଜଣଙ୍କୁ କାର୍ଯ୍ୟରୁ ଅନ୍ତର କରାଯାଇଛି। ଅଣସ୍ତରୀ ଜଣ ଭାରତୀୟ ନାଗରିକ ରୁଷ୍ ସେନାରୁ ମୁକ୍ତି ପାଇବା ଲାଗି ଅପେକ୍ଷା କରିଥିବା ସେ ସୂଚନା ଦେଇଛନ୍ତି। ଭାରତ ଏହି ପ୍ରସଙ୍ଗକୁ ଗମ୍ଭୀରତାର ସହ ନେଇଛି ବୋଲି ମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ସେ କହିଛନ୍ତି, ସେ ରୁଷ୍ ବୈଦେଶିକ ମନ୍ତ୍ରୀଙ୍କ ନିକଟରେ ଅନେକ ଥର ଏହି ପ୍ରସଙ୍ଗ ଉଠାଇଯାଇଛି। ଗତ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

ମସ୍କୋ ଗସ୍ତରେ ଯାଇଥିବାବେଳେ  ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ ଶ୍ରୀ ମୋଦୀଙ୍କୁ  ରୁଷ୍ ସେନାରେ କାର୍ଯ୍ୟ କରୁଥିବା ଭାରତୀୟ ନାଗରିକମାନଙ୍କୁ ଶୀଘ୍ର ମୁକ୍ତ କରାଯିବ ବୋଲି କହିଥିଲେ। ଡକ୍ଟର ଜୟଶଙ୍କର କହିଛନ୍ତି, ଋଷୀୟ କର୍ତ୍ତୃପକ୍ଷଙ୍କ କହିବା ଅନୁଯାୟୀ, ଏହି ଭାରତୀୟ ନାଗରିକମାନେ ରୁଷ୍ ସେନା ସହ ସେବା ଯୋଗାଇ ଦେବା ଲାଗି ଚୁକ୍ତି କରିଛନ୍ତି। ତେବେ ସେ ଦର୍ଶାଇଛନ୍ତି, ଅନେକ କ୍ଷେତ୍ରରେ ଭାରତୀୟ ନାଗରିକମାନଙ୍କୁ ବିଭ୍ରାନ୍ତ କରାଯାଇ ଅନ୍ୟ ଚାକିରି ଲୋଭରେ ସେଠାକୁ ନେବା ପରେ ରୁଷ୍ ସେନାରେ ନିୟୋଜିତ କରାଯାଉଛି।

ଏ ସଂକ୍ରାନ୍ତରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ମନ୍ତ୍ରୀ ସୂଚନା ଦେଇଛନ୍ତି, ସିବିଆଇ ୧୯ ଜଣ ବ୍ୟକ୍ତି ଓ ସଂସ୍ଥା ବିରୋଧରେ ଅପରାଧିକ ମାମଲା ରୁଜୁ କରିଛି। ସେ କହିଛନ୍ତି, ୧୦ ଜଣ ମାନବ ଚାଲାଣକାରୀଙ୍କ ବିରୋଧରେ ଯଥେଷ୍ଟ ପ୍ରମାଣ ସାମ୍ନାକୁ ଆସିଛି। ତଦନ୍ତ ବେଳେ ଏପ୍ରିଲରେ ୨ ଜଣ ଓ ମେ ମାସରେ ଆଉ ୨ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ସମସ୍ତ ୪ ଅଭିଯୁକ୍ତ ବିଚାର ବିଭାଗୀୟ ହାଜତରେ ଅଛନ୍ତି।

ସାଇବର ଦୁର୍ନୀତିରେ ଦକ୍ଷିଣ ପୂର୍ବ ଏସିଆରେ କାମ କରିବା ପାଇଁ ଲୋକଙ୍କୁ ବିଭ୍ରାନ୍ତ କରାଯାଉଥିବା ବିଷୟରେ ଡକ୍ଟର ଜୟଶଙ୍କର କହିଛନ୍ତି, ଭାରତ ସରକାର ଏହାକୁ ରାଜନୈତିକ ସ୍ତରରେ ସମସ୍ତ ସମ୍ପୃକ୍ତ ସରକାରଙ୍କ ସହ ଉଠାଇଛନ୍ତି। ବର୍ତ୍ତମାନ ସୁଦ୍ଧା କାମ୍ବୋଡିଆରୁ ୬୫୦ ଜଣ, ମିଆଁମାରରୁ ୪୫୦ ଜଣ ଏବଂ ଲାଓସରୁ ୫୪୮ ଜଣ ଭାରତୀୟ

ନାଗରିକଙ୍କୁ  ଦେଶକୁ ଫେରାଇ ଅଣାଯାଇଛି। ସେ କହିଛନ୍ତି, ଏହି ପ୍ରସଙ୍ଗରେ ସରକାର ସତର୍କ ଅଛନ୍ତି।

## ଇସ୍ରାଏଲ-ହମାସ ଅସ୍ତ୍ରବିରତି

ଇଜିପ୍ଟ, କତାର ଏବଂ ଆମେରିକୀୟ ନେତାମାନେ ଇସ୍ରାଏଲ ଏବଂ ହମାସକୁ ଅସ୍ତ୍ରବିରତି ଚୁକ୍ତିକୁ ଚୂଡ଼ାନ୍ତ କରିବାରେ ଆଉ ସମୟ ନଷ୍ଟ ନ କରିବାକୁ ଅନୁରୋଧ କରିଛନ୍ତି। ଗତକାଲି ରାତିରେ ଏକ ମିଳିତ ବିବୃତି ଜାରି କରି ତିନି ଦେଶ' ଇସ୍ରାଏଲ ଏବଂ ହମାସକୁ ଅଗଷ୍ଟ ୧୫ ରେ ଦୋହା କିମ୍ବା କାଇରୋରେ ବିଳମ୍ବ ନକରି ଏହି ଚୁକ୍ତିକୁ କାର୍ଯ୍ୟକାରୀ କରିବାକୁ ଆହ୍ୱାନ ଦେଇଛନ୍ତି।

## ବିଆଇଏସ-ଆୟୁଷ

ଭାରତୀୟ ମାନକ ବ୍ୟୁରୋ (ବିଆଇଏସ)ଆୟୁଷ କ୍ଷେତ୍ରରେ ମାନକୀକରଣ ପାଇଁ ଏକ ବିଭାଗ ପ୍ରତିଷ୍ଠା କରିବ। ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ନୂଆ ବିଭାଗ ଆୟୁଷ ଉତ୍ପାଦ ଏବଂ ଅଭ୍ୟାସଗୁଡ଼ିକର ନିରାପତ୍ତା, ଫଳପ୍ରଦତା ଏବଂ ଗୁଣବତ୍ତାକୁ ପ୍ରୋତ୍ସାହିତ କରିବା ଉପରେ ଧ୍ୟାନ ଦେବ। ଆୟୁର୍ବେଦ, ଯୋଗ, ପ୍ରାକୃତିକ ଚିକିତ୍ସା, ୟୁନାନି, ସିଦ୍ଧ, ସୋୱା-ରିଗ୍‌ପା ଏବଂ ହୋମିଓପାଥି ଭଳି ପାରମ୍ପରିକ ଭାରତୀୟ ଚିକିତ୍ସା ପଦ୍ଧତିକୁ ଏହି ବିଭାଗରେ ଅନ୍ତର୍ଭୁକ୍ତ କରାଯିବ।

ଆୟୁଷ ପାଇଁ ମାନକୀକରଣ କାର୍ଯ୍ୟକଳାପର ପ୍ରକ୍ରିୟା ଏବଂ ତାଞ୍ଚା ବିଷୟରେ ବର୍ଣ୍ଣନା କରି ବିଆଇଏସ୍‌ର ମହାନିର୍ଦ୍ଦେଶକ ପ୍ରମୋଦ କୁମାର କହିଛନ୍ତି, ପ୍ରସିଦ୍ଧ ବିଶେଷଜ୍ଞଙ୍କ ନେତୃତ୍ୱରେ ବିଆଇଏସର ଆୟୁଷ ବିଭାଗ ୭ଟି ବିଭାଗୀୟ କମିଟି ଗଠନ କରିଛି। ଜାତୀୟ ଏବଂ ଅନ୍ତର୍ଜାତୀୟ ମାର୍ଗଦର୍ଶିକା ସହିତ ସମନ୍ୱିତ ବ୍ୟାପକ, ପ୍ରମାଣ ଭିତ୍ତିକ ମାନଦଣ୍ଡ ସୁନିଶ୍ଚିତ କରିବା ପାଇଁ ଏହି କମିଟିଗୁଡ଼ିକ ବିଭିନ୍ନ ଅଂଶୀଦାରଙ୍କ ସହ ମିଳିତ ଭାବରେ କାର୍ଯ୍ୟ କରିବେ ବୋଲି ସେ କହିଛନ୍ତି।

# ପିଏମ୍-ବିଜେପି ଏସ୍‌ସି/ଏସ୍‌ଟି

ଲୋକସଭା ଏବଂ ରାଜ୍ୟସଭାରେ ଥିବା ଅନୁସୂଚିତ ଜାତି ଏବଂ ଜନଜାତି ସମ୍ପ୍ରଦାୟର  ବିଜେପି ସାଂସଦମାନେ ଆଜି ସଂସଦ ଭବନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଏସ୍‌ସି ଏବଂ ଏସ୍‌ଟି କ୍ରିମି ଲେୟାର ଉପରେ ସୁପ୍ରିମ୍‌କୋର୍ଟଙ୍କ ମନ୍ତବ୍ୟକୁ ନେଇ ସାଂସଦମାନେ ମିଳିତ ଭାବେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

ବୈଠକ ପରେ ବିଜେପି ସାଂସଦ ଭୋଲା ସିଂହ ଗଣମାଧ୍ୟମକୁ କହିଛନ୍ତି, ଏହି ନିଷ୍ପତ୍ତି କାର୍ଯ୍ୟକାରୀ ନ କରିବାକୁ ସେମାନେ ଦାବି କରିଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ସେମାନଙ୍କୁ ଆଶ୍ୱାସନା ଦେଇଛନ୍ତି, ଏହା କେବଳ ସର୍ବୋଚ୍ଚ ନ୍ୟାୟାଳୟର ଏକ ପର୍ଯ୍ୟବେକ୍ଷଣ ।